## ଲୋକ ଭବନରେ ଦୁଇ ଦିନିଆ କୁଳପତି ସମ୍ମିଳନୀ ଉଦଯାପିତ

### ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର ସମ୍ପତ୍ତି ସୁରକ୍ଷିତ ରଖିବା ଉଚ୍ଚଶିକ୍ଷାର ଦୀର୍ଘକାଳୀନ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ: ରାଜ୍ୟପାଳ

ଭୁବନେଶ୍ୱର, ଜୁନ ୧: ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର ସମ୍ପତ୍ତି ସୁରକ୍ଷିତ ରଖିବା ଉଚ୍ଚଶିକ୍ଷାର ଦୀର୍ଘକାଳୀନ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ। ଏ ଦିଗରେ ବିଶ୍ୱବିଦ୍ୟାଳୟ ଅଧିନସ୍ତ ଜମିକୁ ଜବରଦଖଲରୁ ରକ୍ଷା କରିବା ନିମନ୍ତେ ସକ୍ରିୟ ପଦକ୍ଷେପ ନେବା ପାଇଁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ।



ସୋମବାର ଦିନ ଲୋକ ଭବନର ନ୍ୟୁ ଅଭିଷେକ୍ ହଲ୍‌ରେ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ ପାଇଁ ଆୟୋଜିତ ଦୁଇଦିନିଆ ସମ୍ମିଳନୀର ଉଦଯାପନୀ ସମାରୋହରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଅନେକ ବିଶ୍ୱବିଦ୍ୟାଳୟ ଜମି ଜବରଦଖଲ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ କୁଳପତିମାନଙ୍କୁ ସତର୍କ ରହିବାକୁ ଓ ଭବିଷ୍ୟତରେ ଜବରଦଖଲ ରୋକିବା ପାଇଁ ଆବଶ୍ୟକୀୟ ପ୍ରଭାବଶାଳୀ ବ୍ୟବସ୍ଥା କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

ଏହି ସମାରୋହରେ ରାଜ୍ୟପାଳ କହିଥିଲେ ଯେ, ସରକାର ଜବରଦଖଲ ଜମି ଉଦ୍ଧାର ପାଇଁ ନିଜ ଭୂମିକା ଗ୍ରହଣ କରିବେ, କିନ୍ତୁ ଭବିଷ୍ୟତରେ ଆଉ  କୌଣସି ଜମି ଜବରଦଖଲ ନ ହେବା ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ମଧ୍ୟ ଦାୟିତ୍ୱ ରହିଛି।

ବିଶ୍ୱବିଦ୍ୟାଳୟ କ୍ୟାମ୍ପସଗୁଡ଼ିକୁ ସ୍ଥାୟୀ ଓ ସ୍ୱାବଲମ୍ବୀ କରିବା ପାଇଁ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱ ଦେଇଛନ୍ତି। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆତ୍ମନିର୍ଭରତା ଆହ୍ୱାନକୁ ଉଲ୍ଲେଖ କରି ଉପଲବ୍ଧ ଛାତ ଉପରେ (ରୁଫ ଟପ) ସୌରଶକ୍ତି ପ୍ୟାନେଲ ଲଗାଇ ବିଦ୍ୟୁତ୍ ଆବଶ୍ୟକତାର କିଛି ଅଂଶ ପୂରଣ କରିବାକୁ ବିଶ୍ୱବିଦ୍ୟାଳୟମାନଙ୍କୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ବିଶ୍ୱବିଦ୍ୟାଳୟମାନେ ସିଏସ୍‌ଆର୍ ଫଣ୍ଡ ଓ ରେସ୍‌କୋ (RESCO) ମଡେଲ୍ ବ୍ୟବହାର କରି ସୌରଶକ୍ତି ପ୍ରକଳ୍ପ କରିବା ନିମନ୍ତେ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏଥିରେ ତୃତୀୟ ପକ୍ଷ କମ୍ପାନୀ ଟଙ୍କା ଖର୍ଚ୍ଚ କରି ପ୍ଲାଣ୍ଟ ସ୍ଥାପନ ଓ ରକ୍ଷଣାବେକ୍ଷଣ କରନ୍ତି। ଏହା ଦ୍ୱାରା ବିଶ୍ୱବିଦ୍ୟାଳୟଗୁଡ଼ିକ ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ମଧ୍ୟ ସବୁଜ ରୂପାନ୍ତରଣ କରିପାରିବେ।

ଲୋକ ଭବନର ସମ୍ପୂର୍ଣ୍ଣ ବୈଦ୍ୟୁତିକ ଫ୍ଲିଟ (ରାଜ୍ୟପାଳଙ୍କ କାରକେଡ) ଓ ନେଟ୍-ଜିରୋ କ୍ୟାମ୍ପସର ଉଦାହରଣ ଦେବା ସହିତ କ୍ରମଶଃ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ନିୟମିତ ଚାରା ରୋପଣ କାର୍ଯ୍ୟକ୍ରମ ଓ ଖାଲି ଜମିରେ ସବୁଜ ଆବରଣ ବଢାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ମଦ୍ୟ ରାଜ୍ୟପାଳ କହିଥିଲେ । ଏଥି ସହିତ କାର୍ବନ୍ କ୍ରେଡିଟ୍ ମାଧମରେ ଅତିରିକ୍ତ ଆୟ ମଧ୍ୟ କରିହେବ ବୋଲି ରାଜ୍ୟପାଳ ଆଶା ବ୍ୟକ୍ତ କରିଥିଲେ।

ବିଶ୍ୱବିଦ୍ୟାଳୟଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେବା ଓ ପ୍ରତି ମାସରେ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସାମୁହିକ ଭାବେ ପ୍ରଧାନମନ୍ତ୍ରୀଙ୍କ "ମନ୍ କି ବାତ୍" କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ।

ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଯେଉଁ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ସୁବିଧା ନାହିଁ ସେ ବିଶ୍ୱବିଦ୍ୟାଳୟଗୁଡିକ ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ର ସହଯୋଗରେ ଆଗକୁ ବଢ଼ିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ସ୍କିଲିଂ କାର୍ଯ୍ୟକ୍ରମର ସଫଳତା କେବଳ ପ୍ରଶିକ୍ଷିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ନୁହେଁ, ବରଂ ଚାକିରି ବା ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କରୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଉପରେ ନିର୍ଭର କରିବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣ, ଉଦ୍ୟମିତା ଓ ରୋଜଗାର ସମ୍ବନ୍ଧୀୟ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ ।ଏ ଦିଗରେ ଉତ୍ତମ ବ୍ୟବସ୍ଥା ଗ୍ରହଣ କରୁଥିବା ଅନୁଷ୍ଠାନଗୁଡ଼ିକୁ ମିଳିତ ଭାବେ ପରିଦର୍ଶନ କରିବାକୁ କୁଳପତିମାନଙ୍କୁ ରାଜ୍ୟପାଳ କହିଥିଲେ।

ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଶାସନ ସଂସ୍କାର, ଗବେଷଣା ଏବଂ ନବସୃଜନ, ଆନ୍ତର୍ଜାତୀୟକରଣ, ନିଯୁକ୍ତିଯୋଗ୍ୟତା, ଡିଜିଟାଲ୍ ରୂପାନ୍ତର, ଶିଳ୍ପ ସହଭାଗିତା ଏବଂ ଜାତୀୟ ଶିକ୍ଷା ନୀତି (NEP) ୨୦୨୦ କାର୍ଯ୍ୟାନ୍ୱୟନ ଉପରେ ସମ୍ମିଳନୀରେ ହୋଇଥିବା ଆଲୋଚନାକୁ ବାସ୍ତବରେ କାର୍ଯ୍ୟରେ ପରିଣତ କରିବା ଉଚିତ। କୁଳାଧିପତି ଭାବରେ ଓଡ଼ିଶାରେ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଦୃଢ଼ ପ୍ରତିବଦ୍ଧତାକୁ ରାଜ୍ୟପାଳ ସମର୍ଥନ କରିଥିଲେ ।

ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ରାଜ୍ୟ ସରକାର ରାଜ୍ୟପାଳଙ୍କ ପରାମର୍ଶ ଉପରେ ସକ୍ରିୟ ଭାବରେ କାର୍ଯ୍ୟ କରିବେ। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଦକ୍ଷତା ବିକାଶ ଭିତ୍ତିଭୂମିକୁ ବିସ୍ତାର କରାଯିବ ଏବଂ ଲୋକଭବନର ଯାନବାହାନ ଫ୍ଲିଟର ବୈଦ୍ୟୁତିକ ଗତିଶୀଳତାକୁ ପ୍ରାରମ୍ଭିକ ପରିବର୍ତ୍ତନ ସମେତ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହିତ କରିବାରେ ରାଜ୍ୟପାଳଙ୍କ ନେତୃତ୍ୱକୁ ମାନ୍ୟବର ମନ୍ତ୍ରୀ  ପ୍ରଶଂସା କରିଥିଲେ।

ସମ୍ମିଳନୀର ଶେଷ ଦିନରେ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିମାନେ ସମସାମୟିକ ପ୍ରସଙ୍ଗରେ ବିଭିନ୍ନ ପଦକ୍ଷେପ ଉପରେ ନିଜସ୍ୱ ଦୃଷ୍ଟିକୋଣ ଉପସ୍ଥାପନା କରିଥିଲେ। ପ୍ରମୁଖ ବିଷୟଗୁଡ଼ିକ ମଧ୍ୟରେ ସବୁଜ ଶକ୍ତି ଏବଂ ସ୍ଥାୟୀ ପଦକ୍ଷେପ, କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ ପ୍ରଯୁକ୍ତିବିଦ୍ୟା, ପ୍ରତିଷ୍ଠାନଗତ ଶାସନରେ ସର୍ବୋତ୍ତମ ବ୍ୟବସ୍ଥା ଏବଂ ଶୈକ୍ଷିକ ଉତ୍କର୍ଷତା ଅନ୍ତର୍ଭୁକ୍ତ ଥିଲା।

ଉଚ୍ଚଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର-ତଥା-ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ମଧ୍ୟ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଐଶ୍ୱର୍ଯ୍ୟା ସାମନ୍ତ
ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ